# NATIONAL NEWS BULLETIN (ODIA)

## 23 October - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପଦକ୍ଷେପରେ ଛତିଶଗଡ଼ ନକ୍ସଲମୁକ୍ତ ହୋଇପାରିଛି, କହିଲେ ରାଷ୍ଟ୍ରପତି ।

- ରାଷ୍ଟ୍ରର ବିକାଶ ଏବଂ ଦେଶର ଗୌରବ ବୃଦ୍ଧି ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ପ୍ରତିଷ୍ଠାନ କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ନାଗରିକ ସୁରକ୍ଷା ସୁଦୃଢ଼ କରିବା ପାଇଁ ପ୍ରଶିକ୍ଷକମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯିବ ପ୍ରଶିକ୍ଷଣ ।

ଏବଂ

- ଜାପାନରେ ଚାଲିଥିବା ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ୨୮ଟି ସ୍ୱର୍ଣ୍ଣ ସହ ଭାରତର ଏ ପର୍ଯ୍ୟନ୍ତ ୧୦୮ଟି ପଦକ ହାସଲ ।

# ପ୍ରେସିଡେଣ୍ଟ-ନକ୍ସାଲିଜମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପଦକ୍ଷେପ ଦ୍ୱାରା ଛତିଶଗଡ଼କୁ ନକ୍ସଲ ମୁକ୍ତ କରାଯାଇପାରିଛି । ଏବେ ଏହି ରାଜ୍ୟ ନକ୍ସଲ ପଥରୁ ବିକାଶ ପଥକୁ ଅଗ୍ରସର ହେଉଛି । ଜଗଦଲପୁରର ଲାଲବାଗ ମଇଦାନଠାରେ ଆୟୋଜିତ 'ବସ୍ତର ଦଶହରା ପର୍ବ ୨୦୨୬'ରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ମୁର୍ମୁ କହିଛନ୍ତି, ବିକଶିତ ରାଷ୍ଟ୍ର ଗଠନ ଦିଗରେ ବିକାଶ ଯାତ୍ରାରେ ଯୁବ ଆଦିବାସୀ ସମ୍ପ୍ରଦାୟ ସକ୍ରିୟ ଭାବେ ଅଂଶଗ୍ରହଣ କରିବେ । **V/O**

ରାଜ୍ୟ ସରକାର ଅନୁସୂଚିତ ଜନଜାତି ବର୍ଗର ଯୁବ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଲାଗି ବଜାର ସହ ଯୋଗାଯୋଗ ପାଇଁ ସୁଯୋଗ ସୃଷ୍ଟି କରୁଥିବାରୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ଏହି ପଦକ୍ଷେପ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ର ଗଠନ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି କହିଛନ୍ତି । ରାଷ୍ଟ୍ରପତି ନିଜ ଅଞ୍ଚଳର ଜଙ୍ଗଲ ଏବଂ ପର୍ବତର ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ପ୍ରାକୃତିକ ସମ୍ପଦ ଜୀବନଯାତ୍ରା ପାଇଁ ଖାଦ୍ୟ, ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସମ୍ପଦ ଯୋଗାଇଦେବ । ପ୍ରତ୍ୟେକ ସମ୍ପ୍ରଦାୟର ପ୍ରକୃତିର ସୁରକ୍ଷା କରିବା ହେଉଛି ପ୍ରାଥମିକ ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି । ସମସ୍ତ ଅଞ୍ଚଳର ଆଦିବାସୀ ଜନଜାତି ବର୍ଗର ଲୋକମାନଙ୍କୁ ବସ୍ତର ଦଶହରା ପର୍ବ ଏକତ୍ରିତ କରିଥାଏ । ଲାଲବାଗ ମଇଦାନକୁ

ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି ଷ୍ଟଲ୍ ବୁଲିବା ସହ ସ୍ଥାନୀୟ ସ୍କୁଲ୍ ଛାତ୍ରମାନଙ୍କ ସହ ମତବିନିମୟ କରିଥିଲେ ।

ଛତିଶଗଡ଼ ରାଜ୍ୟପାଳ ରାମେନ ଡେକା ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ପୂର୍ବରୁ ରାଷ୍ଟ୍ରପତି ଜଗଦଲପୁର ସ୍ଥିତ ମା’ ଦନ୍ତେଶ୍ୱରୀ ମନ୍ଦିର ପୂଜାର୍ଚ୍ଚନା କରିଥିଲେ ।

# ପିଏମ୍-ଚିନ୍ମୟ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରାଷ୍ଟ୍ରର ବିକାଶ ଏବଂ ଦେଶର ଗୌରବ ବୃଦ୍ଧି କରିବାର ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ପ୍ରତିଷ୍ଠାନ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ନିମନ୍ତେ ବିଭିନ୍ନ ବିଭାଜନକାରୀ ଶକ୍ତି ବିରୁଦ୍ଧରେ ସମାଜକୁ ଏକତ୍ର କରି ଆତ୍ମନିର୍ଭରଶୀଳ ହେବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଚିନ୍ମୟ ଅମୃତ ମହୋତ୍ସବ ବିଶ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସରକାରଙ୍କ ପ୍ରତ୍ୟେକଟି ଯୋଜନା ଏବଂ ପଦକ୍ଷେପର କେନ୍ଦ୍ରରେ ଯୁବପିଢ଼ୀ ରହିଛନ୍ତି । ଗତ ୨୫

ବର୍ଷ ଧରି ସେ ସରକାରର ମୁଖ୍ୟ ଭାବେ ସର୍ବୋଚ୍ଚ ସାମର୍ଥ୍ୟ ଦେଇ ଦେଶସେବା ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ନବ ଭାରତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ସେ କହିଛନ୍ତି ଦେଶର ସମୃଦ୍ଧ ପରମ୍ପରା ଓ ଜ୍ଞାନ, ମାତୃଭାଷାରେ ଶିକ୍ଷାଦାନ ଏବଂ ଆଧୁନିକ ବିଜ୍ଞାନ ଓ ବିକାଶୋନ୍ମୁଖୀ, ପ୍ରଯୁକ୍ତିବିଦ୍ୟାକୁ ଏହି ନୀତିରେ ପ୍ରାଧାନ୍ୟ ଦିଆଯାଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଦେଶରୁ ୬୫୦ରୁ ଅଧିକ ଚୋରି ହୋଇଥିବା ପୁରାତନ ମୂର୍ତ୍ତି ଓ ସାମଗ୍ରୀ ଫେରାଇ ଆଣିବାରେ ସକ୍ଷମ ହୋଇଛି । ସେ କହିଛନ୍ତି ଦେଶର ସାଂସ୍କୃତିକ ଐତିହ୍ୟ ପୁନଃସ୍ଥାପନ କରିବା ଏବଂ ଏହାର ସାଂସ୍କୃତିକ ସ୍ଥଳୀଗୁଡ଼ିକ ବିଶ୍ୱ ମାନ୍ୟତା ଲାଭ କରିପାରିଛି । ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ସାଂସ୍କୃତିକ ସ୍ଥଳୀ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ। ଏହା ହେବ 'ମନ୍ କୀ ବାତ୍'ର ୧୩୯ତମ ସଂସ୍କରଣ। ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ବାର୍କ, ଆକାଶବାଣୀ

ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ। ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ। ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ।

## ହୋମ୍ ମିନିଷ୍ଟ୍ରୀ-ସିଭିଲ୍ ଡିଫେନ୍ସ ଟ୍ରେନିଂ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନାଗରିକ ସୁରକ୍ଷା ପ୍ରସ୍ତୁତି ସୁଦୃଢ଼ କରିବା ଲାଗି ଭାରତୀୟ ସେନା ସହଯୋଗରେ ନାଗରିକ ସୁରକ୍ଷା ପ୍ରଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ ଆରମ୍ଭ କରାଯିବ । ଦେଶରେ ନାଗରିକ ସୁରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିବା ଉଦ୍ଦେଶ୍ୟରେ ଅଗ୍ନିସେବା, ବେସାମରିକ ପ୍ରତିରକ୍ଷା ଏବଂ ହୋମ୍ ଗାର୍ଡ଼ର ମହାନିର୍ଦ୍ଦେଶକ ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ । ପ୍ରଥମ ପର୍ଯ୍ୟାୟରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ତିନି ଦିନିଆ ନାଗରିକ ସୁରକ୍ଷା ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଏହିସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ହେଲା – ଜାମ୍ମୁ କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ, ମେଘାଳୟ, ସିକ୍କିମ୍, ଆସାମ, ଉତ୍ତରପ୍ରଦେଶ, କେରଳ, କର୍ଣ୍ଣାଟକ ଓ ତାମିଲନାଡୁ । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ୬୦୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବାର ପ୍ରସ୍ତାବ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଚଳିତ ବର୍ଷ ଲାଲ୍‌କିଲ୍ଲାରେ ଜାତି ଉଦ୍ଦେଶ୍ୟରେ ଭାଷଣ ଦେଇ ନାଗରିକ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟାଧୁନିକ କୌଶଳ, ପ୍ରଯୁକ୍ତିବିଦ୍ୟା ସହଯୋଗରେ ଅଧିକ ସକ୍ରିୟ କରିବା ଲାଗି ଘୋଷଣା କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତିନୋଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ସେଗୁଡ଼ିକ ହେଲା – ଆତଙ୍କ ସଚେତନତା, ସୁରକ୍ଷା ଓ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଯୋଗାଯୋଗ ଓ ସମନ୍ୱୟ ।

## ଗୋୟଲ-ଇଭାକ୍ୟୁସନ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ବିପର୍ଯ୍ୟୟ ସମୟରେ ବିଶ୍ୱର ବିଭିନ୍ନ ଭାଗରେ ଥିବା ନାଗରିକମାନଙ୍କୁ ଦେଶ ସୁରକ୍ଷା ପ୍ରଦାନ ସୁନିଶ୍ଚିତ କରିପାରିଛି । ଜର୍ମାନୀର ବର୍ଲିନ୍ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶ୍ରୀ ଗୋୟଲ କହିଛନ୍ତି, ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଯାତ୍ରା ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଭାରତ ତାର ନାଗରିକମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରିଥାଏ ।

ଭାରତ ଅନ୍ୟ ଦେଶରେ ଅଟକି ରହିଥିବା ନିଜ ଲୋକଙ୍କ ସହ ଅନ୍ୟ ଦେଶର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତରରେ ମଧ୍ୟ ସହାୟତା ପ୍ରଦାନ କରିଥାଏ ବୋଲି ଶ୍ରୀ ଗୋୟଲ କହିଛନ୍ତି । ୟୁକ୍ରେନ୍ ଯୁଦ୍ଧ ସମୟରେ ସ୍ଥାନାନ୍ତରଣ ଅଭିଯାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି,

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟକ୍ତିଗତ ଭାବେ ସ୍ଥାନାନ୍ତରଣ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ସ୍ଥାନାନ୍ତରଣ ପ୍ରକ୍ରିୟା କରାଯାଇଥିଲା । ସେ କହିଛନ୍ତି, ୪ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପଡ଼ୋଶୀ ରାଷ୍ଟ୍ରରୁ ନାଗରିକମାନଙ୍କୁ ସ୍ୱଦେଶ ଫେରାଇ ଆଣିବା  କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ।

## କୋଲକତା-ମାଓଇଷ୍ଟ ସରେଣ୍ଡର

କୋଲକାତା ପୁଲିସ୍ ନିକଟରେ ମାଓ ଦମ୍ପତ୍ତି ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ଦୀର୍ଘ ବର୍ଷ ଧରି ଝାଡ଼ଖଣ୍ଡର ସାରଣ୍ଡା ଜଙ୍ଗଲ ଅଞ୍ଚଳରେ ସେମାନେ ସକ୍ରିୟ ଥିବା ଜଣାପଡ଼ିଛି । ଆତ୍ମସମର୍ପଣ କରିବା ସହ ସେମାନଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟ ପୁଲିସ୍‌କୁ ପ୍ରଦାନ କରିଛନ୍ତି । ପୁଲିସ୍ ପକ୍ଷରୁ କୁହାଯାଇଛି, ସେମାନଙ୍କୁ ଧରିବା ଲାଗି ଜଣଙ୍କୁ ୫ ଲକ୍ଷ ଟଙ୍କା ଏବଂ ଅନ୍ୟ ଜଣଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା ।

## ଇଣ୍ଡିଗୋ-ଆଡ୍‌ଭାଇଜରି

ଇଣ୍ଡିଗୋ ଏୟାର୍‌ଲାଇନ୍ସ ପକ୍ଷରୁ ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଉଦି ଆରବର ଆସୁଥିବା ଏବଂ ଯାତ୍ରା କରୁଥିବା ସମସ୍ତ ବିମାନର ବାତିଲ ଅବଧିକୁ ପରିବର୍ଦ୍ଧିତ କରିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି, ରିଆଦରୁ ଆସୁଥିବା ଏବଂ ଯାଉଥିବା

ବିମାନ ଗୁଡ଼ିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଜିଦ୍ଦାହା, ଦାମାମ୍ ଓ ମଦିନାରୁ ବିମାନ ଯାତ୍ରା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଥିବା ଇଣ୍ଡିଗୋ ଏୟାର୍ ଲାଇନ୍ସ ପକ୍ଷରୁ କୁହାଯାଇଛି ।

## ଏସିଆନ୍-ପାରା ଗେମ୍ସ

ଜାପାନର ଆଇଚି ନାଗୋୟାଠାରେ ଚାଲିଥିବା ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ ଭାରତ ଏ ପର୍ଯ୍ୟନ୍ତ ୧୦୮ଟି ପଦକ ଲାଭ କରିଛି । ସେଥିମଧ୍ୟରେ ୨୮ଟି ସ୍ୱର୍ଣ୍ଣ, ୩୪ଟି ରୌପ୍ୟ ଏବଂ ୪୬ଟି ବ୍ରୋଞ୍ଜ ପଦକ ରହିଛି । ପାରା ସନ୍ତରଣକାରୀ ହିଂମାସୁ ନନ୍ଦାଲ ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ସେହିପରି ପୁରୁଷ ୨୦୦ ମିଟର ଟି-୩୭ ଫାଇନାଲ୍‌ରେ ରାକେଶଭାଇ ଭଟ୍ଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ମହିଳା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀ ଥୋଲାସିମାଥି ମୁରୁଗେସାନ୍ ଏବଂ ମାନସି ଗିରିଶଚନ୍ଦ୍ରା’ ଚୀନ୍‌ର ପ୍ରତିଯୋଗୀଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ନବୀନ ଶିବକୁମାର ପୁରୁଷ ସିଙ୍ଗଲ୍ସ ଏସ୍.ଏଲ୍-୪ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ସେହିପରି ନିତେଶ କୁମାର ପୁରୁଷ ସିଙ୍ଗଲ୍ସ

ଏଲ୍.ଏଲ୍-୩ରେ ସ୍ୱର୍ଣ୍ଣ, ପ୍ରମୋଦ ରୌପ୍ୟ ପଦକ ଲାଭ କରିଛନ୍ତି । ମିକ୍ସଡ୍ ଡବଲ୍ସ ଏସ୍.ଏଲ୍-୩-ଏସ୍ୟୁ-୫ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ଥୁଲାସିମାଥି ମୁରୁଗେସାନ୍ ଏବଂ ନିତେଶ କୁମାର' ଇଣ୍ଡୋନେସିଆର ପ୍ରତିଯୋଗୀଙ୍କୁ ପରାସ୍ତ କରି ରୌପ୍ୟ ପଦକ ହାସଲ କରିଛନ୍ତି ।

ମହିଳା ୫୦ ମିଟର ରାଇଫଲ୍ ଏସ୍‌ଏଚ୍-ଓ୍ୱାନ୍ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ମୋନା ଅଗ୍ରଓ୍ୱାଲ୍ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଏହା ତାଙ୍କର ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଲାଭ । ପୁରୁଷ ୪୦୦ ମିଟର ଦୌଡ଼କୁଦ ପ୍ରତିଯୋଗିତା ସନ୍ଦୀପ କୁମାର ୫୨ ଦଶମିକ୍ ୨/୮ ସେକେଣ୍ଡରେ ଦୂରତା ଅତିକ୍ରମ କରି ସ୍ୱର୍ଣ୍ଣ, ଅଜୟ କୁମାର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ଜାଭ୍‌ଲିନ୍ ଥ୍ରୋ ଏଫ୍-୩୭ ପ୍ରତିଯୋଗିତାରେ ହାନେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ତୀର ଚାଳନା ପୁରୁଷ ଡବଲ୍ସରେ ପ୍ରତିଯୋଗିତାରେ ପାରା ଅଲିମ୍ପିକ୍ ଚାମ୍ପିୟନ୍ ହରବୀନ୍ଦର ସିଂହ ଏବଂ ବିଜୟ ସିନ୍ଦେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ।  ଅନ୍ୟ ପକ୍ଷରେ ଭାରତର ମହିଳା ଡବଲ୍ସ ଦଳ ରୌପ୍ୟ ପଦକ ଲାଭ କରିଛନ୍ତି ।